ଧରିତ୍ରୀ ଗୁରୁବାର, ୧୮ ଅଗଷ୍ଟ

# ଭେଲ୍-ଆଇଆଇଟି ଭୁବନେଶ୍ୱର ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ବ୍ୟୁରୋ)- ଆଇଆଇଟି ଭୁବନେଶ୍ୱର ଏବଂ ଭେଲ୍ କମ୍ପାନୀ ମଧ୍ୟରେ ଏକ ଦୀର୍ଘକାଳୀନ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଆଇଆଇଟି ପକ୍ଷରୁ ଏହାର ନିର୍ଦ୍ଦେଶକ ଆର.ଭି. ରାଜାକୁମାର ଏବଂ ଭେଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଉମାକାନ୍ତ ଚୌଧୁରୀ ଏହା ସ୍ୱାକ୍ଷର କରିଥିଲେ। ପ୍ରାୟ ଏକ ଡଜନରୁ ଅଧିକ ପ୍ରସଙ୍ଗ ଉପରେ ଦୁଇ ଅନୁଷ୍ଠାନ ମିଶି କାମ କରିବେ। ବିଶେଷ କରି ଗବେଷଣା ପ୍ରତି ଗୁରୁତ୍ୱ ଦିଆଯିବ। ରାଜାକୁମାର କହିଥିଲେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହେବା ଦ୍ୱାରା ଆଇଆଇଟିର ଶିକ୍ଷକମାନେ ବେଶ୍ ଉପକୃତ ହେବେ। ଶକ୍ତି କ୍ଷେତ୍ରରେ ବୈଷୟିକ ଶିକ୍ଷାର ବିକାଶ ଲାଗି ସେମାନେ କାମ କରି ପାରିବେ।